# Akashvani, Sambalpur

## SAMBALPURI NEWS BULLETIN

### 28 July 2025- 6.47- 6.52 am.

*****************************************************

ଚାଷୀ ପଞ୍ଜିକରଣ୍- ହାଇସ୍ପିଡ୍ ଇଂଟର୍ନେଟ୍/ଆର୍ଏନ୍ୟୁ/ ସମ୍ବଲପୁର

ଖରିଫ୍ ଧାନ୍ ବିକ୍ବାର୍ ଲାଗି ଚାଲିଥିବା ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟା ବେଲ୍କେ ଧିମା ଇଂଟର୍ନେଟ୍ ସେବା ବାଧା ଦଉଥିବା ଅଭିଯୋଗ୍ ହେବାର୍ ଉତ୍ରୁ ରାଜ୍ୟ ସମବାୟ ନିବନ୍ଧକ -ସବୁ ପେକ୍ସ, ଲେମ୍ପ୍ସ, ମହିଳା ଏସ୍ଏଚ୍ଜି ଆଉ ପାଣି ପଂଚାୟତ୍ମାନ୍କେ ହାଇସ୍ପିଡ୍ ଇଂଟର୍ନେଟ୍ ସଂଯୋଗ୍ କର୍ବାର୍କେ ନିର୍ଦ୍ଦେଶ୍ ଦେଇଛନ୍ । ଚାଷୀ ପଞ୍ଜିକରଣ୍ ପ୍ରକ୍ରିୟାକେ ପ୍ରାଥମିକତା ଦେଇକରି ରାତିର୍ ୮ ବଜେତକ୍ ପଞ୍ଜିକରଣ୍ କର୍ବାର୍କେ ସମବାୟ ନିବନ୍ଧକ-ଅତିରିକ୍ତ ସମବାୟ ନିବନ୍ଧକ, ଉପ ନିବନ୍ଧକ ଆଉ ମଣ୍ଡଳ ସହକାରୀ ନିବନ୍ଧକ ମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ସେଆଡ଼େ ପଞ୍ଜିକରଣ୍ର ଶେଷ୍ ତାରିଖ୍ ଆଏବା ମାସ ୨୦ ତାରିଖ୍ ଥିବାର୍ ବେଲ୍କେ ଦର୍କାର୍ ପଡ୍ଲେ ଅବଧି ବଢ଼ାଯାଇପାରେ ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଅଶୋକ୍ ନଗର୍ ଠାନେ ଥିବା ଆଘର୍ ସର୍‌କାରୀ ପ୍ରାଥମିକ ବିଦ୍ୟାଲୟ ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଶିବିର୍ ହେବା । ଇଥିର୍‌ଲାଗି ପଞ୍ଜିକରଣ୍ କରିଥିବା ଲୁକେ ଶିବିର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ନିଜର୍ ଅଭିଯୋଗ୍ ଜନେଇପାର୍‌ବେ । ସଖାଲର୍ ୮ ବଜେନୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୁକ୍‌କର୍ ଭିନ୍ ଭିନ୍ ଅଭିଯୋଗ୍ ମାନ୍‌କର୍ ଶୁଣାଣି କର୍‌ବେ ।

ସୁଭଦ୍ରା ସାହାଜ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ସୁଭଦ୍ରା ଯୋଜ୍‌ନାଥି ୧ ଲାଖ୍ ୮୮ ହଜାର୍ ଆବେଦନ୍‌କାରୀ ବଂଚିତ୍ ଅଛନ୍ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ସେ କହିଛନ୍, ଆବେଦନ୍‌କାରୀମାନ୍‌କର୍ ଅଏତ୍‌କା ଜମି ଥିବା କି ଆୟକରଥି ଟେକ୍ସ୍‌ଥି ପ୍ରତିବନ୍ଧକ୍ ଥିବାର୍ କାରଣ୍‌ନୁ ସେମାନ୍‌କୁ ବାଦ୍ ଦିଆଯାଇଛେ । ମାତରକ ଯୋଗ୍ୟ ହିତାଧିକାରୀମାନେ ଅଗଷ୍ଟ ୯ ତାରିଖ୍ ଦିନ ନିଶ୍ଚିତ୍ ଭାବେ ସୁଭଦ୍ରା ସାହାଜ୍ ଟଙ୍କା ପାଇପାର୍‌ବେ । ଇଥୁ ବାଦ୍ ପଡ଼ିଥିବା ହିତାଧିକାରୀମାନେ ଆଏବା ବଛର୍ ମାର୍ଚ୍ଚ ୮ ତାରିଖ୍ ମହିଳା ଦିବସ୍ ଅବ୍‌ସରେ ସବୁ ୪ ଟା ଯାକ କିସ୍ତିର୍ ସୁଭଦ୍ରା ସାହାଜ୍ ଟଙ୍କା ଏକାସାଙ୍ଗେ ପାଇପାର୍‌ବେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ ।

‘ଗରିମା’-ଜାତୀୟ କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶାର୍ ‘ଗରିମା’ ପଦକ୍ଷେପ୍ ଅଧୀନ୍‌ଥି ‘ମୁଖ୍ୟ ପରିମଳ କର୍ମଚାରୀଙ୍କର୍ ସମ୍ମାନ୍, ନିରାପତା ଆଉ ଅନ୍ତର୍ଭୁକ୍ତିକରଣ୍ ସୁନିଶ୍ଚିତ୍ କର୍‌ବାର୍’ ଶୀର୍ଷକ୍‌ଥି ଭୁବ୍‌ନେଶ୍ୱର୍ ଠାନେ ହେଇଥିବା ୨ ଦିନିଆ ଜାତୀୟ କର୍ମଶାଳା ଗଲାକାଏଲ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ଅଧୀବେଶନ୍‌ଥି ମୁଖ୍ୟଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ୍ ଦେଇକରି ପରିମଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ୍ କରିଥିଲେ । କାର୍ଯ୍ୟକ୍ରମ୍‌ଥି ବିଭାଗୀୟ ପ୍ରମୁଖ ଶାସନ୍ ସଚିବ ଉଷା ପାଢ଼ୀ ଯୋଗ୍ ଦେଇକରି ସଫେଇ କର୍ମଚାରୀଙ୍କର୍ ସ୍ୱାର୍ଥ ପ୍ରସଙ୍ଗକେ ନେଇକରି ଜାତୀୟସ୍ତର୍‌ଥି ଓଡ଼ିଶାର୍ ନେତୃତ୍ୱ ବାବ୍‌ଦେ ଆଲୋଚନା କରିଥିଲେ ।

ପୁରୀ ଶ୍ରୀମନ୍ଦିର୍-ଖସାପଡ଼ା ଲାଗି ନୀତି ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ନ ଆଏଜ୍ ମାହାପୁରୁମାନ୍‌କର୍ ଖସାପଡ଼ା ଲାଗି ନୀତି ହେବା । ୨ ନମ୍ବର୍ ଭୋଗ ମଣ୍ଡପ ନୀତି ସର୍‌ବାର୍ ଉତ୍‌ରୁ ଦଇତାପତିମାନେ ଗର୍ଭଗୃହ ନ ମାହାପୁରୁମାନ୍‌କର୍ ଇ ଖାସ୍ ନୀତି କର୍‌ବେ । ଶ୍ରୀବିଗ୍ରହମାନ୍‌କର୍ ଶ୍ରୀଅଙ୍ଗର୍ ସୁରକ୍ଷା ଲାଗି ଇ ନୀତି

କରାଯାଏସି । ଖସାପଡ଼ା ଲାଗି ନୀତି ଲାଗି ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେନୁ ରାତିର୍ ୧୦ ବଜେତକ୍ ସର୍ବସାଧାରଣ ଦର୍ଶନ୍ ବନ୍ଦ୍ ରହେବା ବଲି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ସେଆଡ଼େ ଆଏବା ୪ ତାରିଖ୍ ସୋମ୍‌ବାର୍ ଦିନ୍ ଠାନୁ ଶ୍ରୀମନ୍ଦିର୍ ନ ଝୁଲଣ ଯାତ୍ରା ମୁଲ୍ ହେବା । ମାହାପୁରୁମାନ୍‌କର୍ ବର୍ଷା ଦିନିଆ ରାହାସ ଉତ୍ସବ୍ ଲାଗି ଶ୍ରୀମନ୍ଦିର୍ ସହେତେ ଭିନ୍ ଭିନ୍ ମଠମାନ୍‌କେ ଜୋର୍‌ଦାର୍ ପ୍ରସ୍ତୁତି ଚାଲିଛେ ।

ବିଶ୍ୱ ହେପାଟାଇଟିସ୍ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ ହେପାଟାଇଟିସ୍ ଦିବସ୍ । ଯକୃତ ବା ଲିଭର୍ ରୋଗ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ତର୍‌ଫୁ ୨୦୧୦ ମସିହାନୁ ବିଶ୍ୱ ହେପାଟାଇଟିସ୍ ଦିବସ୍ ପାଲନ୍ କରାଯାଉଛେ । ପୁର୍‌ଥି ନ ଫି ୩୦ ସେକେଣ୍ଡ୍‌ଥି ହେପାଟାଇଟିସ୍ ରୋଗ୍‌ଥି ଝନେ ଲୁକର୍ ଜୀବନ୍ ଯାଉଛେ ।  ଭାରତ୍ ନ ଫି ବଛର୍ ହେପାଟାଇଟିସ୍ ରୋଗ୍‌ଥି ୧୪ ଲାଖ୍ ଲୁକ୍‌କର୍ ଜୀବନ୍ ଯାଉଥିବାର୍ ଜନାପଡ଼ିଛେ । ଇ ବଛ୍‌ରର୍ ବିଶ୍ୱ ହେପାଟାଇଟିସ୍ ଦିବସ୍‌ର ବାର୍ତା ହେଲା ‘ଆସୁନ୍ ସଭେ ମିଶିକରି ଇତାକେ ପ୍ରତିହତ୍ କର୍‌ମା’ । ହେପାଟାଇଟିସ୍ ଆଉ ଯକୃତ କର୍କଟ ରୋଗର୍ ନିରାକରଣ୍ ଦିଗେ ରହିଥିବା ଆର୍ଥିକ୍, ସାମାଜିକ୍ ଆଉ

ବ୍ୟବସ୍ଥାଗତ ବାଧାକେ ଦୂର୍ କର୍ବାର୍ ଲାଗି ଇ ବଛ୍ରର୍ ବାର୍ତାଥି ଆହ୍ୱାନ୍ ଦିଆଯାଇଛେ ।

ସମ୍ବଲପୁର-ଜିଲ୍ଲାସ୍ତରୀୟ ଲୋକଅଦାଲତ/ଆର୍ଏନ୍ୟୁ ସମ୍ବଲପୁର

ସମ୍ବଲ୍ପୁର୍ ଜିଲ୍ଲା ଆଇନ୍ସେବା ପ୍ରାଧିକରଣ୍ ତର୍ଫୁ ସହରର୍ ସିଭିଲ୍ ଅଦାଲତ୍ ପରିସର୍ ନ ଜିଲ୍ଲାସ୍ତରୀୟ ଲୋକଅଦାଲତ୍ ହେଇଯାଇଛେ । ଶିବିର୍ଥି ଏନ୍.ଆଇ. ଆଇନ୍ ବାବଦ୍ ଚେକ୍ ବାଉନ୍ସ ମାମ୍ଲା ମାନ୍କର୍ ବିଚାର୍ କରାଯାଇକରି ୧ କୋଟି ୧୩ ଲାଖ୍ ନୁ ଅଏତ୍କା ଟଙ୍କାର୍ କ୍ଷତିଭର୍ନା ଦିଆଯାଇଥିଲା । ଜିଲ୍ଲା ଆଉ ଦୌରା ଜଜ୍ ପ୍ରଜ୍ଞା ପାଣିଗ୍ରାହୀ ଆଉ ଅଲ୍ଗା ବିଚାର୍ପତି ମାନେ ଯୋଗ୍ ଦେଇକରି ମାମ୍ଲା ମାନ୍କର୍ ଶୁଣାଣି କରିଥିଲେ ।

ସାହାଣୀ କପ୍ ଆର୍ଏନ୍ୟୁ/ ସମ୍ବଲପୁର

ଓଡ଼ିଶା ଫୁଟ୍ବଲ୍ ଆସୋସିଏସନ୍ ଆଉ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ତର୍ଫୁ ଚାଲିଥିବା ୬୪ ନମ୍ବର୍ ବରିଷ୍ଠ ପୁରୁଷ ଅନ୍ତଃଜିଲ୍ଲା ଫୁଟ୍ବଲ୍ ଚମ୍ପିଆନ୍ସିପ୍ ସାହାଣୀକପ୍ଥି କଟକ୍ ଆଉ ସମ୍ବଲ୍ପୁର୍ ଦଲ୍ ଫାଇନାଲ୍କେ ଯାଇଛନ୍ । ଗଲାକାଏଲ୍ ବ୍ରହ୍ମପୁର୍ ନ ଖେଲାଯାଇଥିବା

୨ ନମ୍ବର୍ ସେମିଫାଇନାଲ୍‌ଥି ସମ୍ବଲ୍‌ପୁର୍ ଦଲ୍ ଟାଇବ୍ରେକର୍‌ଥି ୫/୪ ଗୋଲ୍ ଦେଇକରି କୋରାପୁଟ୍‌କେ ହରେଇଛେ । ଆଏବା ୧ ଆଉ ୩ ତାରିଖ୍ ୨ ଟା ଖେପେ ଫାଇନାଲ୍ ମେଚ୍ ଖେଲାଯିବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଲଘୁଚାପ୍ ବଲେ ରାଜ୍ୟର୍ ବଡ଼୍‌ଭାଗୀ ଜାଗା ନ ବର୍ଷା ଲାଗି ରହିଛେ । ଇତାର୍‌ପ୍ରଭାବ୍‌ଥି ବହୁତ୍‌ଟେ ଜିଲ୍ଲା ନ ବନ୍ୟା ଥିତି ଦେଖାଦେଇଛେ । ଯାଜ୍‌ପୁର୍ ଆର୍ ବାଲେଶ୍ୱର୍ ଜିଲ୍ଲା ସବୁନୁ ଜହ ପ୍ରଭାବିତ୍ ହେଇଛେ । ରାଏଜେ ବନ୍ୟା ଥିତି ଆଏତେ ରହିଛେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ ।

ଭୁବ୍‌ନେଶ୍ୱର୍ ଆଂଚଲିକ ପାଣପାଗ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନସାରେ ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, ବର୍‌ଗଡ଼୍ ସହେତେ ୧୫ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ୨୦ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଫି ସେକେଣ୍ଡଥି ଜଲ୍‌ଭଣ୍ଡାର୍‌କେ ୩ ଲାଖ୍ ୬୫ ହଜାର୍ ଶହେ ୧୬ ଘନ୍‌ଫୁଟ୍ ପାଏନ୍

ଆସୁଥିବାର୍ ବେଲ୍‌କେ ୩ ଲାଖ୍ ୪୬ ହଜାର୍ ୪୬ ଘନଫୁଟ୍ ପାଏନ୍ ଛଡ଼ା ଯାଉଛେ । ଇ ସମିଆଥି ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ୬ ଶହ ୧୫ ଦଶ୍‌ମିକ୍ ୩/ ୧ ଫୁଟ୍ ରହିଛେ ।